ଧରିତ୍ରୀ DHARITRI
ଶନିବାର, ୧୪ ଅଗଷ୍ଟ, ୨୦୨୧



## ଆଜି କ'ଣ କେଉଁଠି

ହିନ୍ଦୋଳ ଷ୍ଟାଡିୟମ ପୁନରୁଦ୍ଧାର କାର୍ଯ୍ୟର ଉଦ୍‌ଘାଟନ
ସ୍ଥାନ: ହିନ୍ଦୋଳ ଷ୍ଟାଡିୟମ୍
ସମୟ: ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ଶିକ୍ଷକଙ୍କ ସମସ୍ୟା ନେଇ ଆଲୋଚନା

**ଢେଙ୍କାନାଳ ଅଫିସ, ୧୩।୮:** ଢେଙ୍କାନାଳ ଜିଲା ଓଷ୍ଟା ଶାଖାର କର୍ମକର୍ତ୍ତାମାନେ ଶୁକ୍ରବାର ଶିକ୍ଷକଙ୍କ ସମସ୍ୟାକୁ ନେଇ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ନିବେଦିତା ପାଣିଙ୍କ ସହ ଆଲୋଚନା କରିଛନ୍ତି। ଓଷ୍ଟାର କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ଧଳଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଡିଇଓଙ୍କୁ ସାକ୍ଷାତ୍ କରିଥିଲେ। ଜିଲା ସମ୍ପାଦକ ବିଭୂତି ସାମଲ ଉପସ୍ଥାପନ କରିଥିବା ୧୨ ସମସ୍ୟାକୁ ଜିଲା ଶିକ୍ଷାଧିକାରୀ ସମୀକ୍ଷା କରିବା ସହିତ ଏହାର ସମାଧାନ କରାଯିବ ବୋଲି କହିଛନ୍ତି। ଯୁଗ୍ମ ସମ୍ପାଦକ ପୀତାମ୍ବର ଦାସ, ଉପଦେଷ୍ଟା ସରୋଜକାନ୍ତ ଦାସ, ପ୍ରମୋଦ ସ୍ୱାଇଁ, ଶଶିଭୂଷଣ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଆଇନସେବା ପ୍ରାଧିକରଣ ପକ୍ଷରୁ ତାଲିମ

**ଢେଙ୍କାନାଳ ଅଫିସ, ୧୩।୮:** ଢେଙ୍କାନାଳ ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଶରତ ଦେହୁରୀଙ୍କ ନିର୍ଦ୍ଦେଶ କ୍ରମେ ପ୍ୟାନେଲ ଲୟରଙ୍କୁ ନେଇ ଅନ୍‌ଲାଇନ ମାଧ୍ୟମରେ ଶୁକ୍ରବାର ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନା ଆଲୋଚନାରେ ଭାଗନେଇ ସୁପ୍ରିମକୋର୍ଟଙ୍କ ପକ୍ଷରୁ ପ୍ରକାଶିତ ଚୂଡ଼ାନ୍ତ ରାୟ ବିଷୟରେ ପ୍ୟାନେଲ ଲୟରଙ୍କୁ ଅବଗତ କରାଇଥିଲେ। ଏଥିସହ ବ୍ୟକ୍ତିଗତ ସ୍ତରରେ ସମସ୍ୟାର ସମାଧାନ କରିବା ଲାଗି ପରାମର୍ଶ ଦେଇଥିଲେ। ରଞ୍ଜନ କୁମାର ମିଶ୍ର ପ୍ରାଧିକରଣର କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରରେ ସଞ୍ଜୟ ମିଶ୍ର, ବିଧୁଭୂଷଣ ସାହୁ, ସଜିତି ସାହୁ, ମଳୟ ପାଣିଗ୍ରାହୀ, ହରେକୃଷ୍ଣ ଦାଶ, ମାନସୀ ମହାପାତ୍ର, ରଞ୍ଜନ ନାଏକ ପ୍ରମୁଖ ପ୍ୟାନେଲ ଲୟରମାନେ ଉପସ୍ଥିତ ଥିଲେ।

### ଅପପୁଷ୍ଟି ଦୂରୀକରଣ କାର୍ଯ୍ୟକ୍ରମ

**ରାସୋଳ, ୧୩।୮(ଡି.ଏନ୍.ଏ.):** ହିନ୍ଦୋଳ ବ୍ଲକର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଣେଶ୍ୱର କ୍ଲବ ପକ୍ଷରୁ ଅପପୁଷ୍ଟି ଦୂରୀକରଣ ଅଭିଯାନ ଆରମ୍ଭ ହୋଇଛି। ୟୁଏସ୍‌ଏର 'ଜୀବ୍ ଦୟା' ଫାଉଣ୍ଡେଶନ ସହାୟତାରେ ଦନ୍ତିରି ପଞ୍ଚାୟତର ରଜାଙ୍ଗ ଗ୍ରାମରେ ଗତ ଗୁରୁବାରଠାରୁ ଏହାର ଆରମ୍ଭ ହୋଇଛି। କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଦୈନିକ ୩୦ ପିଲାଙ୍କୁ କ୍ଷୀର ବଣ୍ଟନ କରାଯାଇଥିଲା। ସମ୍ପୃକ୍ତ ଶିଶୁଙ୍କ ମା'ମାନେ ଏଥିରେ ସହଯୋଗ କରିଥିଲେ। ଅନୁଷ୍ଠାନର ସମ୍ପାଦକ ରାଜେନ୍ଦ୍ର କୁମାର ପାଳ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ବ୍ଲକର ଅନ୍ୟ ଗ୍ରାମରେ କରିବାକୁ ପ୍ରସ୍ତାବ ଦେଇଥିଲେ।

# ଦଲାଲଙ୍କ ନିୟନ୍ତ୍ରଣରେ ଟେଣ୍ଡର ପ୍ରକ୍ରିୟା



ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ।

■ଜିଲା ମୁଖ୍ୟ ଚିକିତ୍ସାଳୟରେ ଠିକ୍ ଚାଲିନି କାର୍ଯ୍ୟ
■ଅନୁକମ୍ପା ପାଇଁ କରାଯାଇନି ଇ-ଟେଣ୍ଡର
■ପ୍ରଶ୍ନ ଉଠାଇଲେ ବହୁ ଆବେଦନକାରୀ

**ଅନୁଗୋଳ ଅଫିସ, ୧୩।୮**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ସରକାରୀ ନିୟମ ଠିକ୍ ଭାବେ ପାଳନ ହେଉନାହିଁ। ବିଶେଷକରି ଟେଣ୍ଡର ପ୍ରକ୍ରିୟାରେ ସ୍ୱଚ୍ଛତା ରକ୍ଷା ପାଇଁ ଇ-ଟେଣ୍ଡର କରିବାକୁ ସରକାର ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଉଥିଲେ ମଧ୍ୟ ଅନୁଗୋଳ ମେଡିକାଲରେ ଏହାକୁ କାର୍ଯ୍ୟକାରୀ କରାଯାଉ ନାହିଁ। ଏକ ଠିକା ସଂସ୍ଥାକୁ ଅନୁକମ୍ପା ଦେଖାଇବାକୁ ଦଲାଲଙ୍କ ପ୍ରରୋଚନାରେ ଏଠାକାର କେତେଜଣ ବରିଷ୍ଠ କର୍ମଚାରୀ ଇ-ଟେଣ୍ଡର ପରିବର୍ତ୍ତେ ପେପର ଟେଣ୍ଡର କରାଉଥିବା ଅଭିଯୋଗ ହେଉଛି। ଏପରି କି ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଉ ନ ଥିବା ଚର୍ଚ୍ଚା ହେଉଛି। ନିକଟରେ ହୋଇଥିବା ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍ଏଫ୍) ମାନବ ସମ୍ବଳ ଟେଣ୍ଡରରୁ ଏହା ସ୍ପଷ୍ଟ ଭାବେ ବାରି ପଡୁଥିବା କେତେଜଣ ଆବେଦନକାରୀ ଅଭିଯୋଗ କରୁଛନ୍ତି।

ଅଭିଯୋଗ ଅନୁଯାୟୀ, ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ଠିକା ସଂସ୍ଥାକୁ ଡିଏମ୍ଏଫରୁ ମାନବ ସମ୍ବଳ କାର୍ଯ୍ୟ କରିବାକୁ ଟେଣ୍ଡର ଦିଆଯାଇଥିଲା। ଉକ୍ତ ଟେଣ୍ଡରର ଅବଧି ଶେଷ ହେବା ପରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ନୂଆ ଟେଣ୍ଡର ଡକାଯାଇଛି। କିନ୍ତୁ ଇ-ଟେଣ୍ଡର କରା ନ ଯାଇ ପେପର ଟେଣ୍ଡର କରାଯାଇଥିବାରୁ ଏଥିରେ ସ୍ୱଚ୍ଛତା ନେଇ ସନ୍ଦେହ ସୃଷ୍ଟି ହୋଇଛି। ପୌରପାଳିକାରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟ ଇ-ଟେଣ୍ଡରରେ କରାଯାଉଛି। ପୂର୍ତ୍ତ ବିଭାଗରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟ ଇ-ଟେଣ୍ଡରରେ ହେଉଛି। କିନ୍ତୁ ଜିଲା ମୁଖ୍ୟ ଚିକିତ୍ସାଳୟରେ କୋଟିଏରୁ ଅଧିକ ଟଙ୍କାର କାର୍ଯ୍ୟ ପେପର ଟେଣ୍ଡର ମାଧ୍ୟମରେ କରାଯିବା ଅନେକ ବୁଦ୍ଧିଜୀବୀଙ୍କୁ ଆଶ୍ଚର୍ଯ୍ୟ କରୁଛି। ଦଲାଲଙ୍କ କଥାରେ ପଡ଼ି ଏକ ଠିକା ସଂସ୍ଥାକୁ ଏପରି ଅନୁକମ୍ପା ଦେଖାଯିବାକୁ ସାଧାରଣରେ ଦୃଢ଼ ବିରୋଧ କରାଯାଉଛି। ଯଦି ପେପର ଟେଣ୍ଡରକୁ ବାତିଲ କରି ଇ-ଟେଣ୍ଡର କରା ନ ଯାଏ, ତା'ହେଲେ ଅଦାଲତର ଦ୍ୱାରସ୍ଥ ହେବେ ବୋଲି କେତେଜଣ ବୁଦ୍ଧିଜୀବୀ ଚେତାବନୀ ଦେଇଛନ୍ତି। ଅଭିଯୋଗ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ କହିଛନ୍ତି, ଟେଣ୍ଡର ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ରହିଛି। ଏଥିରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ମଧ୍ୟ ସାମିଲ ରହିଛନ୍ତି। ଟେଣ୍ଡର ହେବା ପୂର୍ବରୁ କମିଟି ବସି ସର୍ବାଧିକ ପ୍ରସାରିତ ଏକ ଗଣମାଧ୍ୟମକୁ ବିଜ୍ଞାପନ ପ୍ରଦାନ କରାଯାଇଥାଏ। ତେଣୁ ଟେଣ୍ଡରରେ କୌଣସି ଅନିୟମିତତା ହେବ ନାହିଁ ବୋଲି ସିଡିଏମ୍‌ଓ ପ୍ରଧାନ ପ୍ରକାଶ କରିଛନ୍ତି।

# ନାବାଳିକା ଉଦ୍ଧାର: ଜଣେ ଗିରଫ

**ଅନୁଗୋଳ ଅଫିସ, ୧୩।୮**

ଅନୁଗୋଳ ସହରରୁ ଗତ ୯ ତାରିଖରେ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ଶୁକ୍ରବାର ଭବାନୀପାଟଣାରୁ ଉଦ୍ଧାର କରାଯାଇଛି। ଏହି ଘଟଣାରେ ଅନୁଗୋଳ ପୋଲିସ କିଶୋରନଗର ଥାନା ଅଞ୍ଚଳର ପ୍ରଜା ରଞ୍ଜନ ରାହୁଲ(୨୬)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ଗତ ୯ ତାରିଖରେ ନାବାଳିକାଙ୍କ ଘରେ କେହି ନ ଥିବାବେଳେ ପ୍ରଜା ତାଙ୍କୁ ଅପହରଣ କରି ନେଇଥିଲେ। ପ୍ରଥମେ ତାଙ୍କୁ ବଇଣ୍ଡା ଓ ପରେ ବୌଦ୍ଧରେ ଗୋଟିଏ ଦିନ ରଖିଥିଲେ। ଏହାପରେ ତାଙ୍କୁ ଧରି ଭବାନୀପାଟଣା ଯାଇ ଗୋଟିଏ ଲଜ୍‌ରେ ରହିଥିଲେ। ଖବରପାଇ ଅନୁଗୋଳ ଥାନା ଏସ୍‌ଆଇ ପ୍ରଶାନ୍ତ ପ୍ରଧାନ ଓ ତାଙ୍କ ଟିମ୍ ନାବାଳିକାଙ୍କୁ ଭବାନୀପାଟଣାରୁ ଉଦ୍ଧାର କରିଥିଲେ। ନାବାଳିକାଙ୍କ ମା'ଙ୍କ ଅଭିଯୋଗକ୍ରମେ ପ୍ରଜାଙ୍କୁ ଗିରଫ କରାଯାଇଛି। ସେହିପରି ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି। ପ୍ରଜାଙ୍କ ବିରୋଧରେ ପୋକ୍ସୋ ଆକ୍ଟରେ ମାମଲା ରୁଜୁ ହୋଇଛି।

# ୩୪ ପଢ଼ା ଗ୍ରାମର ବିଦ୍ୟାର୍ଥୀଙ୍କୁ ପ୍ରଶିକ୍ଷଣ



ପ୍ରଶିକ୍ଷଣ ଶିବିରରେ ଅତିଥିଙ୍କ ସମେତ ଅନ୍ୟମାନେ।

**ରାସୋଳ, ୧୩।୮(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଣେଶ୍ୱର କ୍ଲବ ଏବଂ ଆଇଏଲ୍‌ପିର ମିଳିତ ସହଯୋଗରେ ୩୪ ପଢ଼ା ଗ୍ରାମର ବିଦ୍ୟାର୍ଥୀଙ୍କୁ ଶିକ୍ଷାଦାନ ଦିଆଯାଉଛି। କରୋନା ମହାମାରୀ ସମୟରେ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀଗୃହ ଶିକ୍ଷା ବନ୍ଦ ଥିବାବେଳେ ଅନୁଷ୍ଠାନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଏହି ଉପଲକ୍ଷେ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। କୁନୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆନନ୍ଦ ଚନ୍ଦ୍ର ମାଝି ପ୍ରଶିକ୍ଷକ ଭାବେ ଯୋଗଦେଇ ଉପକରଣ ମାଧ୍ୟମରେ ସରଳ ପଦ୍ଧତିରେ ତାଲିମ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୩୪ ବିଦ୍ୟାସାଥୀ ଏବଂ ୫ ଜଣ ପାରା ଶିକ୍ଷକ ଯୋଗଦେଇଥିଲେ। ଅନୁଷ୍ଠାନର ସଂଯୋଜିକା ସ୍ୱାଗତିକା ରାଉତ, ମରୁତ ସାହୁ, ଦିବାକର ମିଶ୍ର, ଲିସା ପ୍ରଧାନ, ମୀନା ବିଶ୍ୱାଳ, ପ୍ରିୟଲତା ପରିଡ଼ା, ସୌମ୍ୟାଶ୍ରୀ ସାହୁ, ରୁନେଲି ନାହାକ, ମାଳବିକା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଭିନ୍ନ ସମସ୍ୟା ନେଇ ଭାଜପା ପକ୍ଷରୁ ଦାବିପତ୍ର



ଛେଣ୍ଡିପଦା ବ୍ଲକର ବିଭିନ୍ନ ସମସ୍ୟା ନେଇ ଭାଜପା କର୍ମକର୍ତ୍ତାମାନେ ଦାବିପତ୍ର ପ୍ରଦାନ କରିବାକୁ ଆସିଛନ୍ତି।

**ଛେଣ୍ଡିପଦା, ୧୩।୮(ସ୍ୱ.ପ୍ର)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଭାଜପା ପକ୍ଷରୁ ବ୍ଲକରେ ଥିବା ବିଭିନ୍ନ ସମସ୍ୟା ଏବଂ ଅନିୟମିତତାକୁ ନେଇ ଛେଣ୍ଡିପଦା ବିଡିଓ ଓ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବାଲିପଟା ପଞ୍ଚାୟତରେ ରାସ୍ତା କାମ, କାଂଶବାଂଶ ପ୍ରୋଜେକ୍ଟ କାମ, ଆବାସ ଯୋଜନାରେ ଅନିୟମିତତା ହୋଇଥିବା ନେଇ ବାଲିପଟା ପଞ୍ଚାୟତର ସମିତି ସଭ୍ୟ ଅଜିତ୍ ପ୍ରଧାନଙ୍କ ନେତୃତ୍ୱରେ ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଛେଣ୍ଡିପଦା ବିଡିଓ ସଞ୍ଜୟ ଆଚାର୍ଯ୍ୟଙ୍କୁ ଭେଟି ଅନିୟମିତାତର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ଛେଣ୍ଡିପଦା ଭାଜପା ଜିଲା ସମ୍ପାଦକ ସୁଦିପ୍ତ ଗଡନାୟକ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ମୋସ୍କୁଲ ଅଭିଯାନ ମାଧ୍ୟମରେ ଆସୁଥିବା ଅର୍ଥରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ବିକାଶ କାର୍ଯ୍ୟ କରା ନ ଯାଇ ଟେଣ୍ଡର ମାଧ୍ୟମରେ କରାଯିବାକୁ ଦାବି ରଖି ଏକ ଦାବିପତ୍ର ଛେଣ୍ଡିପଦା ବିଡିଓଙ୍କୁ ପ୍ରଦାନ କରିଥିଲେ। ଅପରପକ୍ଷରେ ଅନୁଗୋଳ ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ବିଜୟ ମାଝିଙ୍କ ନେତୃତ୍ୱରେ ଭାଜପାର ଏକ ପ୍ରତିନିଧି ଦଳ ଛେଣ୍ଡିପଦା ତହସିଲ୍ ଅଞ୍ଚଳକୁ ମରୁଡି ଘୋଷଣା କରାଯିବା ଦାବି ନେଇ ଛେଣ୍ଡିପଦା ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ପ୍ରକାଶଚନ୍ଦ୍ର ନାୟକଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ଜିଲା ଉପସଭାପତି ଚୌଧୁରି ପ୍ରଧାନ, ବରୁଣ ସାହୁ, ତ୍ରିନାଥ ସାହୁ, ଅନଙ୍ଗ ଚରଣ ସାହୁ, ବ୍ରଜବନ୍ଧୁ ସ୍ୱାଇଁ, ବାପି ଦେହୁରୀ, ରାକୋ ଦେହୁରୀ, ମଦନମୋହନ ଗଡନାୟକଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

# ୩୧ ଆକ୍ରାନ୍ତ, ୩ ମୃତ

**ଢେଙ୍କାନାଳ ଅଫିସ, ୧୩।୮:** ଢେଙ୍କାନାଳ ଜିଲାରୁ ୩୧ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୨୧ ଜଣ ସୁସ୍ଥ ହୋଇଛନ୍ତି। ସେହିପରି ୩ ସଂକ୍ରମିତଙ୍କ ମୃତ୍ୟୁ ଘଟିବା ପରେ ମୋଟ କୋଭିଡ୍‌ଜନିତ ମୃତ୍ୟୁ ସଂଖ୍ୟା ୧୪୦ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ହିନ୍ଦୋଳ ବ୍ଲକର ୧୦, ପରଜଙ୍ଗ ବ୍ଲକର ୭, ଓଡ଼ାପଢ଼ା ବ୍ଲକରର ୪, କାମାକ୍ଷାନଗର ବ୍ଲକର ୩, ଢେଙ୍କାନାଳ ପୌରାଞ୍ଚଳର ୨, କଙ୍କଡ଼ାହାଡ଼ ବ୍ଲକର ୨, ଗଁଦିଆ ବ୍ଲକର ୧ ଏବଂ ବିଭିନ୍ନ ଚିକିତ୍ସାଳୟର ୨ଜଣ ଅଛନ୍ତି। ଜିଲାରେ ମୋଟ ସକ୍ରିୟ ମାମଲା ୧୭୪ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଟାଉନ ଥାନାଧିକାରୀଙ୍କ ନାମରେ କୋର୍ଟରେ ମାମଲା

**ଢେଙ୍କାନାଳ ଅଫିସ, ୧୩।୮**

ଢେଙ୍କାନାଳ ଟାଉନ ଥାନାଧିକାରୀ ନମିତା ନାୟକଙ୍କ ନାମରେ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ଏକ ମାମଲା (୧ ସିସି ନଂ. ୧୦୫/୨୧) ରୁଜୁ ହୋଇଛି। ଆଇନଜୀବୀ ପ୍ରଶାନ୍ତ କୁମାର ରାଉତ ନିଜ ପକ୍ଷରୁ ଏହି ମାମଲା ରୁଜୁ କରିଥିବା କହିଛନ୍ତି। କୋର୍ଟ ଥାନାଧିକାରୀଙ୍କୁ ବ୍ୟକ୍ତିଗତ ଭାବେ ହାଜର ହୋଇ ନିଜ ପକ୍ଷ ରଖିବା ଲାଗି ନୋଟିସ ଜାରି କରିଥିବା ପ୍ରଶାନ୍ତ ସୂଚନା ଦେଇଛନ୍ତି। ଗତ ୫ ତାରିଖରେ ଟାଉନ ଥାନାକୁ ଏକ ଅଭିଯୋଗ କରିବାକୁ ଯାଇଥିବା ବେଳେ ଥାନାଧିକାରୀ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ଅଭିଯୋଗପତ୍ର ଚିରି ଦେଇଥିଲେ। ଏଥିସହ ଧମକଚମକ ମଧ୍ୟ ଦେଇଥିଲେ। ଏ ସଂକ୍ରାନ୍ତରେ ପ୍ରଶାନ୍ତ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ତେଣୁ ସେ କୋର୍ଟରେ ମାମଲା ରୁଜୁ କରିଥିବା କହିଛନ୍ତି। ଅନ୍ୟପକ୍ଷେ ଥାନାଧିକାରୀ ନମିତା ନାୟକ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ସେ ପ୍ରଶାନ୍ତଙ୍କୁ ଜାଣିନାହାନ୍ତି। ଅଭିଯୋଗ ସମ୍ପୂର୍ଣ୍ଣ ଅମୂଳକ ବୋଲି ସେ ସ୍ପଷ୍ଟୀକରଣରେ କହିଛନ୍ତି।

# ଶିକ୍ଷାର ଅଗ୍ରଗତି ନେଇ ପରାମର୍ଶ




ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ଅବସରରେ ଅତିଥିମାନେ।

**ଛେଣ୍ଡିପଦା, ୧୩।୮(ସ୍ୱ.ପ୍ର)**

ଅନୁଗୋଳ ଜିଲା ଛେଣ୍ଡିପଦାସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠାନର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡକ୍ଟର ସୁବାସ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲା ଶିକ୍ଷାଧିକାରୀ ନିରଞ୍ଜନ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଅନୁଗୋଳ ବିଇଡି କଲେଜ ପୂର୍ବତନ ଅଧକ୍ଷ ଚୈତନ୍ୟ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ପଞ୍ଚାୟତ ସମିତି ଅଧକ୍ଷ ଅଶୋକ ପ୍ରଧାନ, ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ଆଚାର୍ଯ୍ୟ, ବଆଁରପାଳ ସ୍କେଲଟର ମୁଣ୍ଡା ହଟିଂ ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରବିନ୍ଦ ସମ୍ଭୁତା ଗଡ଼ନାୟକ ପ୍ରମୁଖ ଯୋଗଦେଇ ଶିକ୍ଷାର ଅଗ୍ରଗତି ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ପ୍ରଶିକ୍ଷଣ ପେଟିକା 'ନିଦାନ'କୁ ଜିଲା ଶିକ୍ଷାଧିକାରୀ ଉଦ୍‌ଘାଟନ କରିଥିଲେ। ପ୍ରାଚୀର ପତ୍ରିକା(ୱାଲ ମାଗାଜିନ) 'ସବୁଜ ଓଢ଼ଣୀ'କୁ ବିଇଡି ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଉଦ୍‌ଘାଟନ କରିଥିଲେ। ସ୍କେଲଟର ମୁଣ୍ଡା ହାଟିଂ ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ଅନୁଷ୍ଠାନର ଗୁରୁ ପ୍ରଶିକ୍ଷକ ଲକ୍ଷ୍ମଣ ସାହୁ ମଞ୍ଚ ପରିଚାଳନା କରିଥିଲେ। ପ୍ରତିଷ୍ଠାନର ସମସ୍ତ ପ୍ରଶିକ୍ଷିକା ପ୍ରଶିକ୍ଷକ ବିକ୍ରମ କୁମାର ସାହୁ, ମାନସ ଚନ୍ଦ୍ର ବାରିକ, ମଦନ ସୁନ୍ଦର ପ୍ରଧାନ, ପ୍ରତିଭା ଦଳେଇ, ରାମକୃଷ୍ଣ ପରିଛା, ନମିତା ସାହୁ, ଗଣେଶ୍ୱର ସାହୁ, ସିତ ରୋହା ପ୍ରମୁଖ ସହଯୋଗ କରିଥିଲେ।

# ୫ ଜଣଙ୍କ ଜୀବନ ନେଲା କରୋନା



**ଅନୁଗୋଳ ଅଫିସ, ୧୩।୮**

ଅନୁଗୋଳ ଜିଲାରୁ ଶୁକ୍ରବାର ୪୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ କରୋନା ପଜିଟିଭ୍‌ଙ୍କ ସଂଖ୍ୟା ୪୩ ହଜାର ୬୫୭ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକରୁ ୧୦ ଜଣ ଥିବାବେଳେ ଅନୁଗୋଳ ବ୍ଲକରୁ ୮ ଜଣ, ବଆଁରପାଳ ବ୍ଲକରୁ ୭, ପାଲଲହଡ଼ା ବ୍ଲକରୁ ୬, ତାଳଚେର ବ୍ଲକରୁ ୫, କଣିହାଁ ବ୍ଲକରୁ ୪, ଅନୁଗୋଳ ପୌରାଞ୍ଚଳରୁ ୪, ଆଠମଲ୍ଲିକ ବ୍ଲକରୁ ୩ ଓ କିଶୋରନଗର ବ୍ଲକରୁ ୨ ଚିହ୍ନଟ ହୋଇଛନ୍ତି। ସେହିପରି ଦିନକରେ ଜିଲାରୁ ୮୪ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ଜିଲାରେ ପୁଣି କରୋନାରେ ୫ ଜଣଙ୍କ ମୁଣ୍ଡ ଗଡ଼ିଛି। ଏହାକୁ ମିଶାଇ ଜିଲାରେ ମୋଟ ମୃତକଙ୍କ ସଂଖ୍ୟା ୨୮୪ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଜିଲାରେ କରୋନା ସଂକ୍ରମଣ ହାର ହ୍ରାସ ପାଇଥିଲେ ମଧ୍ୟ ମୃତ୍ୟୁ ସଂଖ୍ୟାରେ ଲଗାମ ଲାଗିପାରୁନାହିଁ। ଯାହାକୁ ନେଇ ଚିନ୍ତା ବଢ଼ିଛି।

# ଆବାସରୁ ବଞ୍ଚିତ ହିତାଧିକାରୀ ବିଡିଓଙ୍କ ଦ୍ୱାରସ୍ଥ

**ହିନ୍ଦୋଳ, ୧୩।୮(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ସଞ୍ଜପଡ଼ା ପଞ୍ଚାୟତ ଅନ୍ତର୍ଗତ ଆମନା ଗ୍ରାମର କେତେଜଣ ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଏ ନେଇ ସେମାନେ ଗୁରୁବାର ବିଡିଓଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ସାହଜୀ ପ୍ରଧାନ, କ୍ଷୀରୋଦ ଜେନା, ମକଜମି ପଲେଇ, କୁମର ପଲେଇ, ଶଶିଭୂଷଣ ଜେନା, ଚିତ୍ତରଞ୍ଜନ ଜେନା ପ୍ରମୁଖ ଦାବିପତ୍ରରେ ଦର୍ଶାଇଛନ୍ତି, ସେମାନେ ଅତ୍ୟନ୍ତ ଗରିବ ପରିବାରର। ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଛନ୍ତି। ଭଙ୍ଗାଦଦରା ଘରେ ରହୁଛନ୍ତି। ଆବାସ ଯୋଜନାରେ ସାମିଲ କରିବା ଲାଗି ବାରମ୍ବାର ଦରଖାସ୍ତ ଦେବାସତ୍ତ୍ୱେ ସୁଫଳ ମିଳୁନାହିଁ। ତେଣୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବାକୁ ସେମାନେ ଦାବି କରିଛନ୍ତି। ବିଡିଓ କ୍ଷୀରାବ୍ଧି ତନୟା ସାହୁ ତଦନ୍ତ କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।




ବିଡିଓଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଗ୍ରାମବାସୀ।

# ବିଦ୍ୟାଳୟରେ ୬ ଦିନ ଧରି ତାଲା




କଲଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।

■ଅବ୍ୟବସ୍ଥାର ଅଭିନବ ପ୍ରତିବାଦ
■ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ
■କାର୍ଯ୍ୟାନୁଷ୍ଠାନ ଦାବି କଲେ ଅଭିଭାବକ

**ସାତମାଇଲ, ୧୩।୮(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ଗୁଲେହି ପଞ୍ଚାୟତ ଅନ୍ତର୍ଗତ କଲଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଲାଗି ରହିଥିବା ଅବ୍ୟବସ୍ଥା ପ୍ରତିବାଦରେ ପରିଚାଳନା କମିଟି ଏବଂ ଗ୍ରାମବାସୀ ବିଦ୍ୟାଳୟରେ ୬ଦିନ ହେଲା ତାଲା ପକାଇ ଦେଇଛନ୍ତି। ପ୍ରଧାନ ଶିକ୍ଷକ ପ୍ରମୋଦ ସାହୁଙ୍କ ବିରୋଧରେ ଦୁର୍ନୀତି, ଅର୍ଥତୋଷରପାତ ଅଭିଯୋଗ ଆଣି ଗ୍ରାମବାସୀ ଏଭଳି ଅଭିନବ ପ୍ରତିବାଦ କରିଛନ୍ତି। ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ପରିଚାଳନା କମିଟିର ସଭାନେତ୍ରୀ ରଶ୍ମିତା ପାତ୍ର, ଉପସଭାନେତ୍ରୀ ରୀନା ବେହେରା, କମିଟି ସଦସ୍ୟ ଯୁଗଳ ପାତ୍ର, ବେଣୁଧର ନାଏକ, ଛବୀନ୍ଦ୍ର ନାଏକ, ବୀଣାପାଣି ନାଏକ ପ୍ରମୁଖ ଅଭିଯୋଗ କରି କହିଛନ୍ତି, କରୋନା ମହାମାରୀ ସମୟରେ ପ୍ରାଥମିକ ସ୍କୁଲଗୁଡ଼ିକ ବନ୍ଦ ରଖାଯାଇଥିଲେ ମଧ୍ୟ ବିଦ୍ୟାଳୟରେ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ଉପସ୍ଥିତ ରହିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ୧ମ ରୁ ୮ମ ଶ୍ରେଣୀ ଯାଏ ୧୧୫ ଛାତ୍ରୀଛାତ୍ର ପଢୁଥିବାବେଳେ ଶିକ୍ଷାଦାନ ଲାଗି ୫ ଶିକ୍ଷୟିତ୍ରୀଶିକ୍ଷକ ନିୟୋଜିତ ଅଛନ୍ତି। ତେବେ ବିଦ୍ୟାଳୟ ପରିଚାଳନା କମିଟିକୁ ନ ଜଣାଇ ପ୍ରଧାନ ଶିକ୍ଷକ ପୁରୁଣା ଆଜବେଷ୍ଟସ, ବିଦ୍ୟୁତ୍ ଉପକରଣ ଆଦି ବିକ୍ରି କରିଦେଇଛନ୍ତି। ପରିଚାଳନା ପରିଷଦର ବିନା ପରାମର୍ଶରେ ସ୍କୁଲକୁ ଆସୁଥିବା ଅନୁଦାନ ଅର୍ଥ ମନଇଚ୍ଛା ଖର୍ଚ୍ଚ କରୁଛନ୍ତି। ତେଣୁ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ପ୍ରଧାନ ଶିକ୍ଷକଙ୍କ ମୋବାଇଲରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା। ବିଇଓ ଶାନ୍ତନୁ ମଲ୍ଲିକ କୁହନ୍ତି, ଅଭିଯୋଗ ସମ୍ପର୍କରେ ସୂଚନା ପାଇବା ପରେ ଗ୍ରାମରେ ପହଞ୍ଚି ପରିଚାଳନା କମିଟି ସହିତ ଆଲୋଚନା କରାଯାଇଛି। ତଦନ୍ତ ପରେ ଅଭିଯୋଗରେ ସତ୍ୟତା ରହିଥିବା ଜଣାପଡ଼ିଛି। ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରାଯିବା ସହିତ ଦରମା ବନ୍ଦ କରାଯାଇଛି। ସନ୍ତୋଷଜନକ ଉତ୍ତର ନ ମିଳିଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ବିଇଓ ସୂଚନା ଦେଇଛନ୍ତି।

ଧରିତ୍ରୀ
DHARITRI
ଶନିବାର, ୧୪ ଅଗଷ୍ଟ, ୨୦୨୧



## ସଂକ୍ଷେପରେ

### ବାଇକ୍‌ରୁ ଖସି ଜଣେ ମୃତ

ବଇଣ୍ଡା,୧୩।୮(ଡି.ଏନ.ଏ.): କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର କିଶୋରନଗର ବ୍ଲକ ହଣ୍ଡପା ଥାନା କମରେଇ ନିକଟରେ ଶୁକ୍ରବାର ଏକ ବାଇକ୍‌ରୁ ଖସି ପଡି ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ପୋଲିସ କହିଛି , ହଣ୍ଡପା ଥାନା ଉରୁକୁଳା ଗ୍ରାମର ମୁନା ସାହୁ (୨୪) ଓ ଚନ୍ଦନ ସାହୁ( ୨୫) ବାଇକରେ ଉରୁକୁଳାରୁ ବଇଣ୍ଡା ଅଭିମୁଖେ ଆସୁଥିବାବେଳେ କମରେଇ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ମୁନାଙ୍କ ମୃତ୍ୟୁ ହୋଇଥିବାବେଳେ ଚନ୍ଦନଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ନଂ. ୧୯୨/୨୧ ରେ ଏକ ମାମଲା କରିଛି।

### ଫେରାର ଅଭିଯୁକ୍ତ ଗିରଫ

ବଇଣ୍ଡା,୧୩।୮(ଡି.ଏନ.ଏ.): ଠାକୁରଗଡ ପୋଲିସ ଶୁକ୍ରବାର ବୌଦ୍ଧ ଜିଲାରେ ଚଢାଉ କରି ଠାକୁରଗଡ ଥାନା କୁରୁମଟାପ ଅଞ୍ଚଳର ମାଗୁଣି ଚରଣ ସାହୁଙ୍କୁ ଗିରଫ କରିଛି। ପୋଲିସ କହିଛି, ମାଗୁଣି ୨୦୧୪ ମସିହାରେ ଏକ ହତ୍ୟାକାଣ୍ଡରେ ଜଡ଼ିତ ଥିବା ଅଭିଯୋଗ ହୋଇଥିବାବେଳେ ସେ ଦୀର୍ଘ ଦିନ ହେବ ଫେରାର ଥିଲେ। ତାଙ୍କୁ ଗିରଫ କରିବା ପାଇଁ ଆଠଗଡ କୋର୍ଟରୁ ସମନ ଆସିବା ପରେ ଠାକୁରଗଡ ପୋଲିସ ଗିରଫ କରିଥିଲା।

### ବଡ଼ବରରେ ବିଭିନ୍ନ ପ୍ରତିଯୋଗିତା

ବଇଣ୍ଡା,୧୩।୮(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ସାନହୁଲା ପଞ୍ଚାୟତ ବଡବର ଗ୍ରାମ କୋଠଘରେ ଶୁକ୍ରବାର ଗ୍ରାମ ଲକ୍ଷ୍ମୀପୂଜା କମିଟି ଓ ବଜରଙ୍ଗୀ ସଙ୍ଗଠନ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମର ୧୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୁଇଜ୍, ନୃତ୍ୟ, ବକ୍ତୃତା, ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ ବିଭାଗରେ ୩ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା। ସ୍ୱାଧୀନତା ଦିବସରେ ଏହି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଗ୍ରାମରେ ଥିବା କୁନି କୁନି କଳାକାରଙ୍କ ପ୍ରତିଭାକୁ ବିଭିନ୍ନ ଅଞ୍ଚଳରେ ପରିଚିତ କରାଇବା ପାଇଁ ଗ୍ରାମର ଯୁବଗୋଷ୍ଠୀ ଉଦ୍ୟମ ଆରମ୍ଭ କରିଥିବାରୁ ଏହାକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି। ବିଶ୍ୱଜିତ୍ ସାଥୁଆ ମହାପାତ୍ର, ଚିକୁନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୧୬ ବର୍ଷରୁ କମ୍ କ୍ରିକେଟ ଦଳ ଘୋଷିତ

ଅନୁଗୋଳ ଅଫିସ,୧୩।୮: ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱର ଠାରେ ଆସନ୍ତା ୧୬ ତାରିଖରେ ହେବାକୁ ଥିବା ୧୬ ବର୍ଷରୁ କମ୍ ଜିଲାସ୍ତରୀୟ କ୍ରିକେଟ ପ୍ରତିଯୋଗିତା ନିମନ୍ତେ ଅନୁଗୋଳ ଜିଲା ଟିମ୍ ଘୋଷଣା କରାଯାଇଛି। ଏହି ଟିମ୍‌ରେ ମୃତ୍ୟୁଞ୍ଜୟ ରାୟ, ଶୁଭମ ଏସ୍ ଗଡନାୟକ, ସତ୍ୟ ପ୍ରସନ୍ନ ବେହେରା, ରାମ ସିଂ ରାକସେଲ, ଆୟନ ପଟ୍ଟନାୟକ, ଅନିନ୍ଦିତ ପ୍ରଧାନ, ନୀରଲା ସାହୁ, ଶ୍ରେୟାଂସ ଭରଦ୍ୱାଜ, ଆଭାସ ପାତ୍ର, ସୌମ୍ୟ ରଞ୍ଜନ ସିଂହ, ରାହୁଲ ଗିରି, ଆଭାସ ରଞ୍ଜନ ସାହୁ, ଶୁଭ୍ରାଂଶୁ ମୁଖୀ, ଶକ୍ତି ସଂଗ୍ରାମ ପୂର୍ତ୍ତି, ଗୁରୁଦୀପ ମାଝୀ, ଅୟସକାନ୍ତ ରଥ, ରିତେଶ କୁମାର ବେହେରା, ଓମ ଶ୍ରୀ ଏସ ସାହୁ, ସୌରଭ ଷଡଙ୍ଗୀ ଓ ଶଶାଙ୍କ ପାନାକାଲା ସ୍ଥାନ ପାଇଛନ୍ତି। ଚୟନକର୍ତ୍ତା ଶିବ ରାଉତ, ବିରେନ ସାମଲ, ଜିଲା ମୁଖ୍ୟ କୋଚ ରଞ୍ଜନ କୁମାର ଧୀରସାମନ୍ତ, ସହକାରୀ କୋଚ ମିଲନ ସାହୁ ଓ ଶାରୀରିକ ପ୍ରଶିକ୍ଷକ ସଞ୍ଜୀବ ଦାସଙ୍କ ତତ୍ତ୍ୱାବଧାନରେ ଏହି ଟିମ୍ ଚୟନ କରାଯାଇଛି।

### ଦୋଳଗୋବିନ୍ଦ ଅନୁଗୋଳ ସବ୍‌ରେଜିଷ୍ଟ୍ରାର

ଅନୁଗୋଳ ଅଫିସ,୧୩।୮: ଅନୁଗୋଳ ସବ୍‌ରେଜିଷ୍ଟ୍ରାର ଭାବେ ଦୋଳଗୋବିନ୍ଦ ସାହୁଙ୍କୁ ନିଯୁକ୍ତି ଦିଆଯାଇଛି। କାମଚଳା ସବ୍‌ରେଜିଷ୍ଟ୍ରାର ଭାବେ କାର୍ଯ୍ୟ କରୁଥିବା ଅମ୍ଳାନ ଅପରାଜିତା ମିଶ୍ରଙ୍କୁ ତାଙ୍କ ପୂର୍ବ ସ୍ଥାନକୁ ବଦଳି କରାଯିବା ସହ ତାମଡାର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।



କାର୍ଯ୍ୟଭାର ଗ୍ରହଣ କଲା ପରେ ଲୋକଙ୍କ କାର୍ଯ୍ୟକୁ ସୂଚାରୁ ଭାବେ ତୁଲାଇବେ ବୋଲି ଦୋଳଗୋବିନ୍ଦ ପ୍ରକାଶ କରିଛନ୍ତି। ଏଥିସହ ଲୋକମାନେ କିଭଳି ସମସ୍ୟାରେ ନ ପଡ଼ିବେ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଅନୁଗୋଳ ସବ୍‌ରେଜିଷ୍ଟ୍ରାର ଅନାଦି ସାହୁ ବଦଳି ହେବା ପରେ ଏହି ପଦବୀ ଖାଲି ପଡ଼ିଥିଲା। ଏହାପରେ ଅମ୍ଳାନ ଅପରାଜିତା ମିଶ୍ରଙ୍କୁ କାମଚଳା ଦାୟିତ୍ୱ ପ୍ରଦାନ କରାଯାଇଥିଲା।

# ବିପର୍ଯ୍ୟୟ ନେଇଛି ୨୧୬ ପ୍ରାଣ

ଅମିତ କୁମାର ସାମଲ
ଅନୁଗୋଳ ଅଫିସ, ୧୩।୮

- ୬ ବର୍ଷରେ ପାଣିରେ ବୁଡ଼ି ୯୭ ମୃତ
- ସାପ କାମୁଡ଼ାରେ ୯୧ ଜଣଙ୍କ ଜୀବନହାନି
- ବଜ୍ରପାତରେ ୨୧ ଲୋକଙ୍କ ହୋଇଛି ମୃତ୍ୟୁ

କେତେବେଳେ ପାଣି ତ ଆଉ କେବେ ମାରୁଛି ବଜ୍ରପାତ। ସାପ କାମୁଡ଼ାରେ ମଧ୍ୟ ଯାଉଛି ଅନେକଙ୍କ ଜୀବନ। ଗତ ୬ ବର୍ଷ ମଧ୍ୟରେ ଅନୁଗୋଳ ଜିଲାରେ ୨୧୬ ଜଣଙ୍କ ପ୍ରାଣ ନେଇଛି ଏପରି ପ୍ରାକୃତିକ ବିପର୍ଯ୍ୟୟ। ସରକାରଙ୍କ ପକ୍ଷରୁ ଏ ଦିଗରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। ଗଣମାଧ୍ୟମ ଜରିଆରେ ଲୋକଙ୍କୁ ବାରମ୍ବାର ସତର୍କ କରାଯାଉଛି। ହେଲେ ପ୍ରତିବର୍ଷ ଘଟୁଥିବା ବିପର୍ଯ୍ୟୟଜନିତ ମୃତ୍ୟୁକୁ ରୋକାଯାଇପାରୁ ନାହିଁ।

ସରକାରୀ ତଥ୍ୟ ଅନୁଯାୟୀ, ଅନୁଗୋଳ ଜିଲାରେ ୨୦୧୫ ମାର୍ଚ୍ଚରୁ ୨୦୨୧ ମାର୍ଚ୍ଚ ମଧ୍ୟରେ ପାଣିରେ ବୁଡ଼ି ସର୍ବାଧିକ ଲୋକଙ୍କ ଜୀବନହାନି ଘଟିଛି। ଖାମଖିଆଲ କାରଣରୁ ହେଉ କି ଅସାବଧାନତା, ଏହି ୬ ବର୍ଷ ମଧ୍ୟରେ ଜିଲାର ମୋଟ୍ ୯୭ ଜଣଙ୍କ ମୃତ୍ୟୁ ଜଳଜନିତ ବୋଲି ଜଣାପଡ଼ିଛି। ସେହିପରି ସର୍ପାଘାତରେ ୯୧ ଜଣଙ୍କ ପ୍ରାଣହାନି ଘଟିଛି। ବିଶେଷକରି ଗୁଣିଗାରେଡି ଉପରେ ବିଶ୍ୱାସ କାରଣରୁ ବହୁ ସାପ କାମୁଡ଼ା ରୋଗୀଙ୍କ ମୃତ୍ୟୁ ହୋଇଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ କୁହାଯାଇଛି। ଏପରି ରୋଗୀଙ୍କୁ ଅଯଥାରେ ଗୋଟିଏ ପରେ ଗୋଟିଏ ଗୁଣିଆଙ୍କ ନିକଟକୁ ନ ନେଇ ତୁରନ୍ତ ଡାକ୍ତରଖାନା ଅଣାଯାଇପାରିଥିଲେ ଜୀବନ ରକ୍ଷା ହୋଇପାରନ୍ତା। କିନ୍ତୁ ଅନେକ ଲୋକ ଏବେ ମଧ୍ୟ ଗୁଣିଗାରେଡି ଉପରେ ଅଗାଧ ବିଶ୍ୱାସ ରଖିଛନ୍ତି। ଏପରି କି ଅତୀତରେ ମେଡିକାଲ ବେଡ୍‌ରେ ମଧ୍ୟ କେତେଜଣ ସାପ କାମୁଡ଼ା ରୋଗୀଙ୍କୁ



ସେମାନେ ଝଡ଼ାଫୁଙ୍କା କରାଇଛନ୍ତି। ବର୍ଷ ବର୍ଷ ଧରି ସଚେତନ କରାଯାଉଥିଲେ ମଧ୍ୟ ବହୁ ସମୟରେ ସାପ କାମୁଡ଼ା ରୋଗୀଙ୍କୁ ଅତି ଗୁରୁତର ଅବସ୍ଥାରେ ମେଡିକାଲ ଅଣାଯାଉଥିବାରୁ ସେମାନଙ୍କ ଜୀବନ ରକ୍ଷା କରିବା ସମ୍ଭବ ହୋଇପାରୁ ନାହିଁ। ସେହିଭଳି ବଜ୍ରପାତଜନିତ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଗତ ୬ ବର୍ଷ ମଧ୍ୟରେ ଜିଲାରେ ମୋଟ ୨୧ ଜଣଙ୍କ ଜୀବନ ଏହି କାରଣରୁ ଯାଇଛି। ଏହି ସମୟ ମଧ୍ୟରେ ଅଗ୍ନିକାଣ୍ଡରେ ୭ ଜଣ ଦଗ୍ଧ ହୋଇଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏପରି ପ୍ରାକୃତିକ ବିପର୍ଯ୍ୟୟରେ ପ୍ରାଣ ହରାଉଥିବା ଲୋକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଯୋଗାଇ ଦେବାକୁ ୨୦୧୫ ଏପ୍ରିଲ ୮ ତାରିଖରୁ ଓଡ଼ିଶା ରିଲିଫ କୋର୍ଡ ଅନୁଯାୟୀ ରାଜ୍ୟ ସରକାର ଘୋଷଣା କରିଥିଲେ। କିନ୍ତୁ ଏହି ବ୍ୟବସ୍ଥାର ସୁଫଳ ଏଯାଏ ଅନେକ ମୃତକଙ୍କ ପରିବାର ପାଇପାରି ନ ଥିବା ଅଭିଯୋଗ ହେଉଛି। ଏହି ସହାୟତା ରାଶି ପାଇଁ ପରିବାର ଲୋକେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ସହ ମୃତ ବ୍ୟକ୍ତିଙ୍କ ପରିଚୟପତ୍ର, ଆରଆଇ ଓ ତହସିଲଦାରଙ୍କ ରିପୋର୍ଟ ଅନ୍‌ଲାଇନ୍‌ରେ ଦାଖଲ କରି ଆବେଦନ କରିବାର ବ୍ୟବସ୍ଥା ରହିଛି। ହେଲେ ସଚେତନତା ଅଭାବରୁ ବହୁ ଆବେଦନକାରୀ ଦଲାଲଙ୍କ ହାବୁଡ଼ରେ ପଡୁଛନ୍ତି। ଅନ୍‌ଲାଇନ୍ ଯୋଗେ ଆବେଦନ କଲେ ସିଧାସଳଖ ସରକାରୀ ଅର୍ଥ ସେମାନଙ୍କ ଆକାଉଣ୍ଟରେ ଜମା ହେବ। କିନ୍ତୁ ଏ ସମ୍ପର୍କରେ ସଚେତନ ନ ଥିବା ଲୋକେ ଜିଲା କାର୍ଯ୍ୟାଳୟକୁ ବର୍ଷ ବର୍ଷ ଧରି ଧାଉଁଛନ୍ତି। କେତେଜଣ ଅନ୍‌ଲାଇନ୍‌ରେ ଆବେଦନ କରିଥିଲେ ମଧ୍ୟ ତଥ୍ୟରେ ତ୍ରୁଟି ରଖୁଛନ୍ତି। ତେଣୁ ସରକାରୀ ସହାୟତା ମିଳିବା ସମ୍ଭବ ହୋଇପାରୁ ନ ଥିବା ଜିଲା ଆପାତକାଳୀନ ବିଭାଗ ପକ୍ଷରୁ କୁହାଯାଇଛି।

#### ନିୟମ ପାଳନ କରୁନାହାନ୍ତି



ପ୍ରାକୃତିକ ବିପର୍ଯ୍ୟୟରୁ ଲୋକେ କିପରି ଜୀବନ ବଞ୍ଚାଇବେ ସେ ନେଇ ସଚେତନ କରାଯାଉଥିଲେ ମଧ ଅନେକେ ଏହାକୁ ପାଳନ କରୁନାହାନ୍ତି। ଏହାଛଡ଼ା ଏହି ବିପର୍ଯ୍ୟୟର ଶିକାର ବ୍ୟକ୍ତିଙ୍କ ପରିବାର ଠିକ୍ ଭାବେ ଆବେଦନ କରୁନାହାନ୍ତି। ଦଲାଲମାନଙ୍କ ପ୍ରଲୋଭନ ଓ ତ୍ରୁଟିପୂର୍ଣ୍ଣ ଆବେଦନ ପ୍ରକ୍ରିୟାକୁ ବିଳମ୍ବିତ କରୁଛି।

-ବଇତୁରା ଦୀପ, ଆପାତକାଳୀନ ଅଧିକାରୀ, ଅନୁଗୋଳ

#### ଦଲାଲଙ୍କ ହାବୁଡ଼ରେ ପଡୁଛନ୍ତି



ସରକାରଙ୍କ ସହାୟତା ରାଶି ମୃତକଙ୍କ ପରିବାର ନିକଟରେ ପହଞ୍ଚିବା ପୂର୍ବରୁ ବାଟମାରଣା ହେଉଛି। ଅନେକ ସମୟରେ ଲୋକେ ଦଲାଲଙ୍କ ହାବୁଡ଼ରେ ପଡୁଛନ୍ତି। କିଛି ଟଙ୍କା ମିଳିବାକୁ ହେଲେ କିଛି ଦେବାକୁ ପଡ଼ିବ ବୋଲି ସେମାନଙ୍କ ଧାରଣା ରହିଛି। ଏହାର ସୁଯୋଗ ଦଲାଲମାନେ ନେଉଛନ୍ତି।

-ଅଭୟ ରାୟ, ବୁଦ୍ଧିଜୀବୀ ଅନୁଗୋଳ

#### କ୍ଷତିଗ୍ରସ୍ତଙ୍କୁ ସହଯୋଗ ମିଳୁନି



ପ୍ରାକୃତିକ ବିପର୍ଯ୍ୟୟରେ ଅନେକ ଲୋକଙ୍କ ଜୀବନ ଯାଉଛି। କିନ୍ତୁ ସହାୟତା ରାଶି ପାଇଁ ସମ୍ପୃକ୍ତ ପରିବାର ଆବେଦନ କରିବାକୁ ଗଲାବେଳେ ପ୍ରଶାସନ ପକ୍ଷରୁ ଆବଶ୍ୟକ ସହଯୋଗ ମିଳୁନାହିଁ। ଆର୍‌ଆଇ, ତହସିଲକୁ ରିପୋର୍ଟ ପାଇଁ ବାରମ୍ବାର ଧାଇଁବା ପରେ ସେମାନେ ଶେଷରେ ଦଲାଲଙ୍କ ଆଶ୍ରୟ ନେଇ ଶୋଷଣର ଶିକାର ହେଉଛନ୍ତି।

-ଘନଶ୍ୟାମ ବେହେରା, ଆଇନଜୀବୀ, ବଇଣ୍ଡା

#### ପ୍ରଶାସନ ବୁଝୁନି ସମସ୍ୟା



ପ୍ରାକୃତିକ ବିପର୍ଯ୍ୟୟର ଶିକାର ବ୍ୟକ୍ତିଙ୍କ ପରିବାରକୁ ଅନ୍‌ଲାଇନ୍‌ରେ ଆବେଦନ କରିବାକୁ କୁହାଯାଉଛି। ଏଥିପାଇଁ ଥାନାଠାରୁ ଆରମ୍ଭ କରି ତହସିଲ କାର୍ଯ୍ୟାଳୟରୁ ରିପୋର୍ଟ ଆଣିବାକୁ ପଡୁଛି। ଗ୍ରାମାଞ୍ଚଳର ଗରିବ ଲୋକେ ଅନ୍‌ଲାଇନ୍ କ'ଣ ଜାଣି ନ ଥିବାବେଳେ ପ୍ରଶାସନ ସେମାନଙ୍କ ଅସୁବିଧାକୁ ବୁଝିପାରୁ ନାହିଁ।

-ତନୁଜ କୁମାର ପ୍ରଧାନ, ସାମାଜିକ କର୍ମୀ, ପବିତ୍ରନଗର

#### ବ୍ୟାପକ ସଚେତନତା ଆବଶ୍ୟକ



ସରକାର ଗଣମାଧ୍ୟମରେ କେବଳ ବିଜ୍ଞାପନ ଦେଇ ଚୁପ୍ ବସିଯାଉଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ଜନିତ ମୃତ୍ୟୁ ଓ କ୍ଷୟକ୍ଷତିର ମୁକାବିଲା କରିବାକୁ ହେଲେ ଲୋକେ କିପରି ଠିକ୍ ଭାବେ ସଚେତନ ହେବେ, ସେ ବିଷୟରେ ସରକାରଙ୍କୁ ଅଧିକ ଚିନ୍ତା କରିବାକୁ ପଡ଼ିବ। ସଚେତନତାକୁ ଅଧିକ ବ୍ୟାପକ କରିବାକୁ ହେବ।

-ନଗେନ ନନ୍ଦ, ଆଇନଜୀବୀ, ଛେଣ୍ଡିପଦା

## ସମୃଦ୍ଧି ପାଇଁ ସହଯୋଗ ଲୋଡ଼ିଲା ପ୍ରଶାସନ

ତାଳଚେର,୧୩।୮(ଡି.ଏନ.ଏ.)

ଦ୍ରୁତ ଶିଳ୍ପାୟନ ଓ ହଜାର ହଜାର ଭାରିଯାନ ଚଳାଚଳ ଯୋଗୁ ତାଳଚେର ସହରରେ ପ୍ରଦୂଷଣ ବୃଦ୍ଧି ପାଉଛି। ବହୁଳ ମାତ୍ରାରେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ସହ ଆବର୍ଜନା କାରଣରୁ ସହରର ସୌନ୍ଦର୍ଯ୍ୟ କ୍ଷୁର୍ଣ୍ଣ ହେଉଛି। ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏସବୁ ସମସ୍ୟାର ସମାଧାନ ସହ ତାଳଚେରକୁ ଏକ ସୁନ୍ଦର ଓ ସମୃଦ୍ଧ ସହରରେ ପରିଣତ କରିବାକୁ ଜିଲା ପ୍ରଶାସନ ସହାୟତାରେ ଉପଖଣ୍ଡ ପ୍ରଶାସନ ଅନେକ ଉନ୍ନତିମୂଳକ ପଦକ୍ଷେପ ହାତକୁ ନେଇଛି। ସହରରେ ସ୍ୱାସ୍ଥ୍ୟ କରିଡର, କୋଇଲା ସଂଗ୍ରହାଳୟ ସ୍ଥାପନ ଯୋଜନା, ରାଣୀପାର୍କ ପୁନରୁଦ୍ଧାର, ବସ୍‌ଷ୍ଟାଣ୍ଡ, ଷ୍ଟାଡିୟମର ଉନ୍ନତୀକରଣ, ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଛି। ହେଲେ ସହରବାସୀଙ୍କ ସହଯୋଗ ବିନା ଏସବୁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ। ରାସ୍ତା ପ୍ରଶସ୍ତୀକରଣ ଓ ଡ୍ରେନ୍ ସଫେଇ ସମୟରେ ସହରବାସୀ ମୁଖ୍ୟତଃ ବ୍ୟବସାୟୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ। ତେଣୁ ଆଗାମୀ ଦିନରେ ସମସ୍ତଙ୍କଠାରୁ ସେପରି ସହଯୋଗ ଆଶା କରାଯାଉଛି। ବିଶେଷକରି ଶର୍ମାଛକଠାରୁ ମଙ୍ଗଳା ମନ୍ଦିର ଛକ ଦେଇ ବାଇପାସ୍ ଯାଏ ଯାଇଥିବା ରାସ୍ତାର ଅନେକ ସ୍ଥାନ ଅଣଓସାରିଆ ଥିବାରୁ ଏଠାରେ ତିନିଚକିଆ ଓ ଚାରି ଚକିଆ ଗାଡ଼ି ରଖାଯିବା ଯୋଗୁ ଟ୍ରାଫିକ ଜାମ ହେଉଛି। ତେଣୁ ରାସ୍ତା ଉପରେ ଗାଡ଼ି ପାର୍କିଂ ନ କରିବା, ଦୋକାନଗୁଡ଼ିକ ସମ୍ମୁଖରେ ଗାଡ଼ି ନ ରଖିବା, ବ୍ୟାଙ୍କ ଓ ମଲ୍ ମାଲିକମାନେ ନିଜ ଗ୍ରାହକଙ୍କ ପାଇଁ ପାର୍କିଂ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଉଛି। ସେହିପରି ରାସ୍ତା ଓ ଡ୍ରେନ୍‌ରେ ବର୍ଜ୍ୟବସ୍ତୁ ନ ପକାଇବା ଏବଂ ରାସ୍ତା ଉପରେ ନିର୍ମାଣ ସାମଗ୍ରୀ ଗଦା ନ କରିବା, ସରକାରୀ ଜମିକୁ ଜବରଦଖଲ ନ କରିବା ପାଇଁ ଉପଜିଲାପାଳ ତାଳଚେରବାସୀଙ୍କୁ ଅନୁରୋଧ କରିଛନ୍ତି।

## ଫ୍ରିଡମ୍ ରନ –୨୦୨୧ ଆୟୋଜନ

ବନ୍ତଳା,୧୩।୮(ଡି.ଏନ.ଏ.)

ସ୍ୱାଧୀନତାର ୭୫ ବର୍ଷ ପାଳନ ଅବସରରେ ଅନୁଗୋଳ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଫ୍ରିଡମ ରନ- ୨୦୨୧ର ଆୟୋଜନ କରାଯାଇଛି। ଅନୁଗୋଳ ସଙ୍ଗଠନ ପକ୍ଷରୁ ଚଳିତ ମାସ ୧୩ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଏହି ଫିଟ ଇଣ୍ଡିଆ ଓ ଫ୍ରିଡମ ଇଣ୍ଡିଆ ରନ କାର୍ଯ୍ୟକ୍ରମ ଚାଲିବ। ଜିଲାର ୭୫ ଜଣ ସ୍ୱେଚ୍ଛାସେବୀ ଏଥିରେ ସାମିଲ ହେବେ। ନେହେରୁ ଯୁବକେନ୍ଦ୍ରରେ ରାଜ୍ୟ ଉପନିର୍ଦ୍ଦେଶକ ପି. ସାର୍ ଉପସ୍ଥିତ ରହି ଆଜାଦିକା ଅମୃତ ମହୋତ୍ସବର ଟି-ଶାର୍ଟ ଉନ୍ମୋଚନ କରିଥିଲେ। ଜିଲା ଯୁବ ସଂଯୋଜକ ପ୍ରଦୀପ କୁମାର ସଭାପତିତ୍ୱ କରିଥିଲେ। ସୁଶାନ୍ତ ଦାସ, ସୁଜାତା ସେଠ ସହଯୋଗ କରିଥିଲେ।



ଟି-ଶାର୍ଟ ଉନ୍ମୋଚନ ଅବସରରେ କର୍ମକର୍ତ୍ତାମାନେ।

## ଡିକି ଭାଙ୍ଗି ୫୪ ହଜାର ଲୁଟ୍

ଛେଣ୍ଡିପଦା,୧୩।୮(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ପରିସରରୁ ଏକ ବାଇକ ଡିକି ଭାଙ୍ଗି ୫୪ ହଜାର ଟଙ୍କା ଚୋରି ହୋଇଥିବା ନେଇ ଶୁକ୍ରବାର ଛେଣ୍ଡିପଦା ଥାନାରେ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ, ଛେଣ୍ଡିପଦା ଗୋଳାଗାଡିଆ ଗ୍ରାମର ଶରତ ଚନ୍ଦ୍ର ସାହୁ ଦିନ ୧୧ଟାରେ ଆଇସିଆଇସିଆଇ ବ୍ୟାଙ୍କରୁ ୮୪ ହଜାର ଟଙ୍କା ଉଠାଇ ଥିଲେ। ସେଥିରୁ ୩୦ହଜାର ଟଙ୍କା ଅନ୍ୟ ସାଥିଙ୍କୁ ଦେଇ ଅବଶିଷ୍ଟ ୫୪ ହଜାର ଟଙ୍କାବାଇକ ଡିକିରେ ରଖି ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରୁ କାମ ସାରି ଆସିଲାବେଳକୁ ଡିକି ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଘଟଣା ନେଇ ଶରତ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଇନ୍‌ଡୋର ଷ୍ଟାଡିୟମ ପାଇଁ ୬ କୋଟି ମଞ୍ଜୁର



'ଅତିଥିମାନେ ଚ୍ୟାଲେଞ୍ଜ' ନାମକ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଆଠମଲ୍ଲିକ,୧୩।୮(ଡି.ଏନ.ଏ.)

ଆଠମଲ୍ଲିକ ମିନି ଷ୍ଟାଡିୟମକୁ ଇନ୍‌ଡୋର ଷ୍ଟାଡିୟମରେ ପରିଣତ କରାଯିବ। ଏହି ଷ୍ଟାଡିୟମରେ ଜିମ୍, ଲନ୍ ଟେନିସ, ବ୍ୟାଡ୍‌ମିଣ୍ଟନ, ଭଲିବଲ୍, ଆର୍ଚେରୀ, କବାଡି, ଖୋଖୋ ଟ୍ରାକ ନିର୍ମାଣ ହେବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୬ କୋଟି ୭୪ ଲକ୍ଷ ମଞ୍ଜୁର କରିଛନ୍ତି। ଖୁବ୍‌ଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଫଳରେ ଆଠମଲ୍ଲିକର କ୍ରୀଡ଼ାବିତ, ଯୁବସମାଜ ଉପକୃତ ହୋଇପାରିବେ ବୋଲି ଗୁରୁବାର ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଆୟୋଜିତ କୃତଜ୍ଞତା ଉତ୍ସବରେ ବିଧାୟକ ରମେଶ ଚନ୍ଦ୍ର ସାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଠମଲ୍ଲିକ ବିଜେଡି ସଭାପତି ପ୍ରଦୀପ ଦାଶ ଅଧ୍ୟକ୍ଷତା କରିଥିଲେ। ଆଠମଲ୍ଲିକ କ୍ରୀଡା ସଂଘ ସମ୍ପାଦକ ଦିଲୀପ ରାଉତ, ବିଜେଡି ମହିଳା ମୋର୍ଚ୍ଚା ସଭାପତି ଆଶା ସାହୁ, ରାଜ୍ୟସ୍ତରୀୟ କବାଡି ଖେଳାଳି ରିଙ୍କି ଦନ୍ତା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ 'ଚ୍ୟାଲେଞ୍ଜ' ନାମକ ପୁସ୍ତକ ଉନ୍ମୋଚନ ହୋଇଥିଲା। ଖେଳାଳି ହିରଣ୍ୟ ତାଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।

# ୭୦ ବର୍ଷ ପରେ ସୁବର୍ଣ୍ଣ ନାଗାଭରଣ ବେଶ

ଢେଙ୍କାନାଳ ଅଫିସ, ୧୩।୮

- ପଞ୍ଚବକ୍ର ମୁକୁଟରେ ଝଲସିଲେ ଶ୍ରୀଚନ୍ଦ୍ରଶେଖର
- କପିଳାସ ପୀଠ ପାଇଁ ଐତିହାସିକ ଦିନ

ରାଜ୍ୟର ପ୍ରସିଦ୍ଧ ଶୈବକ୍ଷେତ୍ର କପିଳାସ ପୀଠ ପାଇଁ ଶୁକ୍ରବାର ଥିଲା ଐତିହାସିକ ଦିନ। କାରଣ ଦୀର୍ଘ ୭୦ବର୍ଷ ପରେ ଅନୁଷ୍ଠିତ ହୋଇଥିଲା ମହାପ୍ରଭୁ ଶ୍ରୀଚନ୍ଦ୍ରଶେଖରଙ୍କ ସୁବର୍ଣ୍ଣ ନାଗାଭରଣ ବେଶ। ସୁନାର ପଞ୍ଚବକ୍ର ମୁକୁଟ ପରିଧାନ କରି ଶ୍ରୀଜୀଉ ଝଲସି ଉଠିଥିବାବେଳେ ପରମ୍ପରା ଅନୁଯାୟୀ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ରାଜ ପରିବାର ପକ୍ଷରୁ ପରମ୍ପରା ଅନୁଯାୟୀ ଯୁବରାଜ ଅମରଜ୍ୟୋତି ସିଂଦେଓ ପ୍ରଥମେ ଏବଂ ଏହାପରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ପୂଜାର୍ଚ୍ଚନା କରିଥିଲେ।

ମହାପ୍ରଭୁ ଚନ୍ଦ୍ରଶେଖର ଅମାପ ସମ୍ପତ୍ତିର ଅଧିକାରୀ। ପୂର୍ବରୁ ଶ୍ରୀଜୀଉଙ୍କ ସୁବର୍ଣ୍ଣ ଅଳଙ୍କାର ବେଶ ଅନୁଷ୍ଠିତ ହେଉଥିବା ଇତିହାସ କୁହେ। ତେବେ ୭୦ ବର୍ଷ ତଳେ ଠାକୁରଙ୍କ ସୁବର୍ଣ୍ଣ ପଞ୍ଚବକ୍ର ମୁକୁଟ ଚୋରି ହୋଇଯାଇଥିଲା। ସେହିଦିନଠାରୁ ସ୍ୱତନ୍ତ୍ର ଦିବସରେ ଅନୁଷ୍ଠିତ ନାଗାଭରଣ ବେଶରେ ମହାପ୍ରଭୁ ରୁପା ମୁକୁଟ ପରିଧାନ କରୁଥିଲେ। ନବନିର୍ମିତ ସୁବର୍ଣ୍ଣ ମୁକୁଟ ୧କେଜି ୯୧୦ ଗ୍ରାମ ସୁନାରେ ନିର୍ମିତ ହୋଇଛି, ଯାହାର ମୂଲ୍ୟ ପ୍ରାୟ ୧କୋଟି ୩୦ଲକ୍ଷ ଟଙ୍କା।



ସୁବର୍ଣ୍ଣ ପଞ୍ଚବକ୍ର ମୁକୁଟ।

ଏଥିଲାଗି ପ୍ରଶାସନ ପକ୍ଷରୁ ଦାନ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ମୁକ୍ତ ହସ୍ତରେ ସୁନା, ଅର୍ଥ ଦାନ କରିଥିଲେ। ଜିଲାପାଳ ବେହେରାଙ୍କ ତତ୍ତ୍ୱାବଧାନ ଏବଂ ଜିଲା ଦେବୋତ୍ତର ବିଭାଗ ଉଦ୍ୟମରେ ପଞ୍ଚବକ୍ର ସୁନା ମୁକୁଟ ତିଆରି ହୋଇଛି। ପୁଷ୍ପାଭିଷେକ, ଜାଗର ଯାତ୍ରା ଏବଂ ମକର ସଂକ୍ରାନ୍ତି ଅବସରରେ ଠାକୁରଙ୍କ ନାଗାଭରଣ ବେଶ ଅନୁଷ୍ଠିତ ହୋଇଥାଏ। ଏଣିକି ସମ୍ପୃକ୍ତ ସ୍ୱତନ୍ତ୍ର ଦିବସରେ ମହାଦେବ ସୁନାମୁକୁଟରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ଶୁକ୍ରବାର କୋଭିଡ୍ କଟକଣା ମଧ୍ୟରେ ଶ୍ରୀଜୀଉଙ୍କ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଏହାପରେ ନାଗାଭରଣ ବେଶରେ ମହାପ୍ରଭୁ ଦର୍ଶନ ଦେଇଥିଲେ।

ଆୟୋଜିତ କାର୍ଯ୍ୟକ୍ରମରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏସ୍‌ପି କେ. ଶିବା ସୁବ୍ରମଣୀ, ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାସ, ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନିଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତଥା ଜିଲା ଦେବୋତ୍ତର ଅଧିକାରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ଏହି ଅବସରରେ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

#### ୩ମାସ ତଳେ ହୋଇଥିଲା ନିଷ୍ପତ୍ତି



ଦୀର୍ଘବର୍ଷ ପରେ ଶ୍ରୀ ଚନ୍ଦ୍ରଶେଖରଙ୍କ ନାଗାଭରଣ ବେଶ ଅନୁଷ୍ଠିତ ହୋଇଛି। ଏଥିଲାଗି ୩ ମାସ ତଳେ ଜିଲା ପ୍ରଶାସନ ଏବଂ ଦେବୋତ୍ତର ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଜିଲା ଓ ରାଜ୍ୟର ବହୁ ଶ୍ରଦ୍ଧାଳୁ ଏଥିରେ ସହାୟତା କରିଛନ୍ତି। ସୁବର୍ଣ୍ଣ ପଞ୍ଚବକ୍ର ମୁକୁଟ ମହାପ୍ରଭୁଙ୍କୁ ସମର୍ପଣ କରାଯାଇଛି।

-ଅମରଜ୍ୟୋତି ସିଂଦେଓ, ଢେଙ୍କାନାଳ ଯୁବରାଜ

#### ସମସ୍ତଙ୍କ ସହଯୋଗରୁ ସମ୍ଭବ ହୋଇଛି



ସୁନାମୁକୁଟ ଚୋରି ହୋଇଯିବା ପରେ ୧୯୫୦ ପରଠାରୁ ଠାକୁରଙ୍କ ସୁବର୍ଣ୍ଣ ନାଗାଭରଣ ବେଶ ବନ୍ଦ ରହିଥିଲା। ଏହା ଜଣାପଡ଼ିବା ପରେ ପୁନର୍ବାର ସୁନା ଅଳଙ୍କାର ଲାଗି ନାଗାଭରଣ ବେଶ କରିବା ପାଇଁ ଚିନ୍ତା କରାଯାଇଥିଲା। ସମସ୍ତଙ୍କ ସହଯୋଗରେ ଏହା ସମ୍ଭବପର ହୋଇପାରିଛି।

-ଭୂମେଶ ଚନ୍ଦ୍ର ବେହେରା, ଜିଲାପାଳ

#### ବିଦେଶରୁ ମଧ୍ୟ ସହାୟତା ମିଳିଛି



ଜିଲା ଦେବୋତ୍ତର ବିଭାଗ ପାଇଁ ଏହା ହେଉଛି ଐତିହାସିକ ଦିନ। ଗତ ଜାଗର ଯାତ୍ରା ପରେ ଠାକୁରଙ୍କ ସୁବର୍ଣ୍ଣ ନାଗାଭରଣ ବେଶ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଠାକୁରଙ୍କ ମୁକୁଟ ଲାଗି ଜିଲା, ରାଜ୍ୟ ସମେତ ଦେଶବିଦେଶରୁ ସହାୟତା ମିଳିଛି। ଦାତାଙ୍କ ୫୦ ପ୍ରତିଶତ ଏବଂ ଦେବୋତ୍ତର ବିଭାଗର ୫୦ ପ୍ରତିଶତ ଅର୍ଥରେ ଏହାକୁ ନିର୍ମାଣ କରାଯାଇଛି।

-ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା ଦେବୋତ୍ତର ଅଧିକାରୀ

